## ଗ୍ରାମୀଣ କୃଷି ମୌସମ ସେବା
## ଭାରତୀୟ ପାଣିପାଗ ବିଭାଗ
## ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

Deepanjali Dugal,
Jr. Agrometeorologist

ସପ୍ତାହ ସଂଖ୍ୟା -୨୭

ବୁଲେଟିନ ନମ୍ବର :୫୩
ତାରିଖ : ୦୪.୦୭.୨୦୨୫
(ଶୁକ୍ରବାର)

**ଢେଙ୍କାନାଳ ଜିଲ୍ଲା (ମଧ୍ୟ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)**

**ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୨୮.୦୬.୨୦୨୫ ରୁ ୦୪.୦୭.୨୦୨୫)**

| | |
|---|---|
| ବୃଷ୍ଟିପାତ (ମି.ମି.) | ୧୧୮.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୮.୨-୩୩.୭ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୩.୫-୨୬.୬ |

**ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୦୯.୦୭.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗସୂଚନା**

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 05-07-2025 | 12 | 31 | 25 | 8 | 88 | 65 | 6 | 260 |
| 06-07-2025 | 20 | 32 | 25 | 8 | 90 | 68 | 10 | 251 |
| 07-07-2025 | 27 | 33 | 26 | 8 | 89 | 71 | 10 | 245 |
| 08-07-2025 | 9 | 33 | 26 | 8 | 88 | 72 | 7 | 219 |
| 09-07-2025 | 7 | 33 | 26 | 7 | 88 | 70 | 7 | 234 |

**ଆଗାମୀ ୫ ଦିନର ପାଣିପାଗ ସୂଚନା:**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ସ୍ୱଳ୍ପ ରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ସାଧାରଣତଃ ମେଘୁଆ ରୁ ମେଘାଚ୍ଛନ୍ନ ରହିବ । ଆଗାମୀ ୫ଦିନ ପବନ ୦୬-୧୦ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୧-୩୩ ଡି.ସେ. ମଧ୍ୟରେ ଓ ସର୍ବନିମ୍ନ ତାପମାତ୍ରା ୨୫-୨୬ ଡି.ସେ. ମଧ୍ୟରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୮୮ ରୁ ୯୦ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୬୫-୭୨ ପ୍ରତିଶତ ମଧ୍ୟରେ ରହିବ ।

**ହଳଦିଆ ଚେତାବନୀ :** ଆଗାମୀ ୫ ରୁ ୬ ତାରିଖ ଢେଙ୍କାନାଳ ଜିଲ୍ଲାରେ ବିଜୁଳି ଘଡଘଡି ସହ ୩୦-୪୦ କିମି ବେଗରେ ପବନ ବହିବାର ସମ୍ଭାବନା ଅଛି ।

**ଆଗାମୀ ୨ସପ୍ତାହ ପାଇଁ ବିସ୍ତୃତ ପାଣିପାଗ ସୂଚନା:**

**ପ୍ରଥମ ସପ୍ତାହ: (୦୪ଜୁଲାଇ ରୁ ୧୦ଜୁଲାଇ ୨୦୨୫)**

ଓଡିଶାରେ ସ୍ୱଳ୍ପ ରୁ ମଧ୍ୟମ ଧରଣ ବର୍ଷା ସହ କିଛି ସ୍ଥାନରେ ଭାରି ବର୍ଷା ହେବାର ସମ୍ଭାବନା ଅଛି ।

**ଦ୍ୱିତୀୟ ସପ୍ତାହ: (୧୧ଜୁଲାଇ ରୁ ୧୭ଜୁଲାଇ ୨୦୨୫)**

ଓଡିଶାରେ ସ୍ୱଳ୍ପ ରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ଅଛି ।

## କୃଷି ସୂଚନ

### ସାଧାରଣ ଉପଦେଶ

- ଧାନ ତଳିଘେରା, ଖରିଫ ମକା, ଡାଲି ଜାତୀୟ ଫସଲ ଓ ପନିପରିବା ଫସଲରେ ମାତ୍ରାଧିକ ପାଣି ଜମି ରହିଥିଲେ ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ ।
- ଲଙ୍କା, ବାଇଗଣ ଆଦି ଚାରା କୁ ପଲିଥିନ (ଜରି) କିମ୍ବା ପ୍ଲାଷ୍ଟିକ ଦ୍ୱାରା ଆଛାଦାନ କରି ରଖନ୍ତୁ, ଯେପରିକି ଏହା ବର୍ଷା ଦ୍ୱାରା ପ୍ରଭାବିତ ହେବ ନାହିଁ ।
- ବର୍ତମାନ ବାୟୁ ମଣ୍ଡଳ ଅଧିକ ଆର୍ଦ୍ରତା ଓ ମେଘୁଆ ରହୁ ଥିବାରୁ ପନିପରିବା ଫସଲରେ ବିଭିନ୍ନ ରୋଗ ପୋକ ଲାଗିବାର ସମ୍ଭାବନା ଅଛି । ଫସଲ ସର୍ବେକ୍ଷଣ କରି ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ।
- ଆଗକୁ ସ୍ୱଳ୍ପ ରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ଥିବାରୁ ଚିନାବାଦାମ, ରାଶି, ମଣ୍ଡିଆ ଆଦି ଖରିଫ ଫସଲ ବୁଣାବୁଣି, ଠିଆ ହୋଇଥିବା ଫସଲରେ ସାର ଓ କୀଟନାଶକ ପ୍ରୟୋଗ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| **ଖରିଫ ଧାନ** | ତଳିଘେରା ଅବସ୍ଥା | • ଧାନ ତଳିଘେରାରେ ମାତ୍ରାଧିକ ପାଣି ଜମି ରହିଥିଲେ ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ ।ଠିଆ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ ।<br>• ଧାନ ଜମିରେ କାଦୁଅ କରିବା ପାଇଁ ଓ ତଳି ରୋପଣ ପାଇଁ ବର୍ଷା ଜଳକୁ ମୁଖ୍ୟ ଜମିରେ ବାନ୍ଧି ରଖନ୍ତୁ ।<br>• ମୁଖ୍ୟ ଜମିକୁ ୭ ରୁ ୧୦ ଦିନ ଅନ୍ତରରେ ଦୁଇ ଥର କାଦୁଅ କରି ଭଲ ଭାବେ ସମତୁଲ କରି ଦିଅନ୍ତୁ ।<br>• ମୁଖ୍ୟ ଜମିରେ ପ୍ରଥମ ଥର କାଦୁଅ କରିବା ସମୟ ରେ ଧଣିଚା ଗଛ କୁ ଭଲ ଭାବ ରେ ମିଶାଇ ଦିଅନ୍ତୁ । |
| **ମାଣ୍ଡିଆ** | ତଳିଘେରା ଅବସ୍ଥା | • ବର୍ଷା ଛାଡିବା ପରେ ମାଣ୍ଡିଆ ବୁଣି ପାରିବେ ।ଅଧିକ ଅମଳ କ୍ଷମ ବିହନ ଗୁଡିକ ହେଲା ଦିବ୍ୟାସିଙ୍ଘ, AKP-୨, AKP-୩, AKP-୭,ଗୋଦାବରୀ, ନୀଳାଚଳ, ଭୈରବୀ, ଶୁଭ୍ରା ଓ ଚିଲିକା।<br>• ଏକର ପ୍ରତି ୨ ରୁ ୨.୫ କେଜି ମଞ୍ଜି ବୁଣିବା ପାଇଁ ବ୍ୟବହାର କରନ୍ତୁ ।<br>• ବୁଣିବା ପୂର୍ବରୁ ୧ କେଜି ମଞ୍ଜି କୁ Thiram @ ୩ ଗ୍ରାମ କିମ୍ବା Trycychlozole @ ୧ ଗ୍ରାମ ମିଶେଇ ବିଶୋଧନ କରନ୍ତୁ ।୧ ମିଟର ତଳିଘେର ପ୍ରତି ୧୦ ଗ୍ରାମ ଯାବକ୍ଷାରଜନ ଓ ୧୦ ଗ୍ରାମ ଫସଫରସ ସାର ପ୍ରୟୋଗ କରନ୍ତୁ । |
| **ମକା** | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ମକା ଫସଲ, ଜମିରେ ଠିଆ ପାଣି ସହ୍ୟ କରିପାରେ ନାହିଁ । ବର୍ଷା ଦିନିଆ ମକା ଚାଷରେ ଠିଆ ପାଣି ନରହିବା ପାଇଁ ନିଷ୍କାସନ ନାଳୀ ବ୍ୟବସ୍ଥା କରନ୍ତୁ । |
| **ରାଶି** | ବୁଣିବା ଅବସ୍ଥା | • ବର୍ଷା ଛାଡିବା ପରେ ରାଶି ବୁଣି ପାରିବେ। ଚାଷ ପାଇଁ ଅଧିକ ଅମଳକ୍ଷମ ଧାନ କିସମ ଯେପରି ଆଶ୍ରିତ, ସ୍ମାରକ, ଶୁଭ୍ରା, କଳିଙ୍ଗ ରାଶି ୩-୧ ଇତ୍ୟାଦି ଚୟନ କରନ୍ତୁ ।<br>• ୧ ରୁ ୧.୨ କିଲୋଗ୍ରାମ ବିହନ, ପ୍ରତି ଏକର ବ୍ୟବହାର କରନ୍ତୁ । ବିହନ ବୁଣିବା ପୂର୍ବରୁ 3 ଗ୍ରାମ ସେରେସାନ, ପ୍ରତି କିଲୋଗ୍ରାମ ବିହନ ସହିତ ବିଶୋଧନ କରାନ୍ତୁ \| ଶେଷ ଜମି ପ୍ରସ୍ତୁତି ସମୟରେ ୬:୮:୮ କିଲୋଗ୍ରାମ ଯବକ୍ଷାରଜାନ, ଫୋସଫରସ ଏବଂ ପଟାଶ ପ୍ରତି ଏକର ପ୍ରୟୋଗ କରନ୍ତୁ ।<br>• ବୁଣିବା ସମୟ ରେ ଧାଡି ମଧ୍ୟରେ ୩୦ ସେ.ମି ବ୍ୟବଧାନ ଏବଂ ଗଛ ମଧ୍ୟରେ ୧୦ ସେ.ମି ବ୍ୟବଧାନ ରଖନ୍ତୁ । |
| **ଚିନାବାଦାମ** | ବୁଣିବା ଅବସ୍ଥା | • ଚିନାବାଦାମ ବୁଣିବା ପାଇଁ ଆଉ କିଛି ଦିନ ଅପେକ୍ଷା କରନ୍ତୁ ।<br>• ଚିନାବାଦାମର ଉପଯୁକ୍ତ କିସମ ଯଥା ଦେବୀ ( ଆଇ.ସି.ଜି.ଭି-୯୧୧୧୪), କାଦ୍ରି-୬ (**Kadri-6),** କାଦ୍ରି-୯ (**Kadri-9),** ଟି.ଜି-୩୭ଏ (**TG-37A),** ଟିଏଜି-୫୧ (**TAG-51),** ଟିଏଜି-୩୮ ( **TAG-38),** ଟିଏଜି-୨୪ (**TAG-24),** ସ୍ମୃତି, ସିଓ-୭ (**CO-7),** ଧରଣୀ (**Dharani)** ଆଦି ଚୟନ କରନ୍ତୁ ।<br>• ବିହନ ବୁଣିବାର ଏକ ଘଣ୍ଟା ପୂର୍ବରୁ କିଲୋଗ୍ରାମ ମଞ୍ଜି ପ୍ରତି ୨୦ଗ୍ରାମ ରାଇଜୋବିୟମ ବୀଜାଣୁ କଲଚର ଉପଚାର କରି ବୁଣନ୍ତୁ। |
| **ବାଇଗଣ ଓ ଲଙ୍କା** | ଅଙ୍ଗୀୟ ବୃଦ୍ଧି ଠାରୁ ଫଳ ଧରିବା ଅବସ୍ଥା | • ପନିପରିବା ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ ।<br>• କୀଟନାଶକ ଔଷଧ ଓ ସାର ପ୍ରୟୋଗ ସାମୟିକ ବନ୍ଦ ରଖନ୍ତୁ।<br>• ବର୍ଷା ପରେ ପନିପରିବା ଫସଲରେ ଝାଉଂଳା ଓ ମୂଳ ସଢ଼। ଦେଖା ଦେବାର ସମ୍ଭାବନା ଅଛି ତେଣୁ ବର୍ଷା ଛାଡି ଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ **Metalaxyl + Mancozeb** ଓ ୧୦ଗ୍ରାମ Plantomycin କୁ ମିଶାଇ ଫସଲ ମୂଳକୁ ସିଂଚନ କରନ୍ତୁ । |
| **ଗାଈଗୋରୁ** | • ପ୍ରବଳ ବର୍ଷା ସମୟରେ ସବୁଜ ଘାସର ଅଭାବ ହେଲେ ଶୁଖିଲା ଗୋଖାଦ୍ୟ ଦିଅନ୍ତୁ ।<br>• ଗୋଖାଦ୍ୟ କିପରି ଅଧିକ ବର୍ଷା ଓ ଆର୍ଦ୍ରତା ଦ୍ଵାରା ନଷ୍ଟ ହେବ ସେଥି ପ୍ରତି ଦୃଷ୍ଟି ଦିଅନ୍ତୁ ଓ ସୁରକ୍ଷିତ ସ୍ଥାନରେ ରଖନ୍ତୁ ।<br>• ଅଧିକ ବର୍ଷାରେ ଗାଈଗୋରୁ ମାନଙ୍କୁ ବାହାରକୁ ଚରିବାକୁ ନାଛାଡି ଗୁହାଳରେ ବାନ୍ଧି ରଖନ୍ତୁ । | |
| **ମାଛ ଚାଷ** | • ମାଛ ପୋଖରୀ ରୁ ଜଳସ୍ତର ୨ରୁ ୩ ଫୁଟ କମାଇରଖନ୍ତୁ ।<br>• ପୋଖରୀ ରୁ ମାଛ ବାହାରି ନଯିବା ଓ ଅଦରକାରୀ ମାଛ ଙ୍କ ପ୍ରବେଶ ରୋକିବା ପାଇଁ ପୋଖରୀ ମୁହଁ କୁ ବାଉଁଶ କିମ୍ବା ନାଇଲନ ଜାଲି ଦ୍ଵାରା ବନ୍ଦ କରନ୍ତୁ ।<br>• ଅତ୍ୟଧିକ ବର୍ଷା ଯୋଗୁଁ ପୋଖରୀ ଜଳ ରେ ଲବଣ ଅଂଶ ହ୍ରାସ ପାଇବାର ସମ୍ଭାବନା ଥିବା ରୁ ଜଳରେ alky-dimethyl-benzyl ammonium chloride (୩ ପିପିଏମ) ପ୍ରୟୋଗ କରନ୍ତୁ । | |

**ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ଵାରା ସ୍ୱୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,**QPM**,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot)**

**(iOS: https://apps.apple.com/in/app/meghdoot/id1474048155)**